# ସତ୍ୟବାକ୍ୟ

# THE WORD OF TRUTH

**JANUARY & FEBRUARY - 2011**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.16.JAN & FEB-2011.No-1

Published every two months in **Oriya** language for the Restoration of pure New Testament Christianity

Hear **SATYA VANI Oriya Radio** programme on
**Radio SriLanka**
Every Sunday at 6:45 a.m.

Write for free Bible Correspondence course in Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

**VOL - XVI KAKINADA JAN-FEB-2011**


## ମଣ୍ଡଳୀର ନାମ

### (Name of the Church)

ଆମ୍ଭମାନଙ୍କର ଜୀବନରେ 'ନାମ'ର ଏକ ବିଶିଷ୍ଟ ସ୍ଥାନ ରହିଅଛି । ଆମ୍ଭେମାନେ, ଆମ୍ଭମାନଙ୍କର ନାମ ଦ୍ୱାରା ଚିହ୍ନା ଯାଇଥାଉ । ଜାଗତିକ ବ୍ୟାପାର ସଂସ୍ଥାଗୁଡିକ (Business Company) ସେମାନଙ୍କ ବ୍ୟାପାର ଅଭିବୃଦ୍ଧି ନିମନ୍ତେ, ସେମାନଙ୍କ 'ନାମ' ସବୁବେଳେ ପ୍ରଚାର କରୁଥାନ୍ତି । ସେମାନଙ୍କର ନାମ ଦ୍ୱାରା ସେଗୁଡିକ ଭଲ ବା 'ମନ୍ଦ' ଜାଣିପାରି ଥାଉ । ଏହି ସୂତ୍ର ଆତ୍ମିକ ବିଷୟରେ ମଧ୍ୟ ସତ୍ୟ । ତେଣୁକରି ବାଇବଲ କହେ, "ତାହାଙ୍କ ଛଡା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଙ୍କ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆ ଯାଇନାହିଁ । (ପ୍ରେରିତ ୪:୧୨)

'ନାମ'ର ଯଦି ଏତେ ପ୍ରାଧାନ୍ୟତା ଅଛି, ତେବେ ଖ୍ରୀଷ୍ଟଙ୍କ ହୋଇଅଛୁ ଯେ ଆମ୍ଭେମାନେ କେଉଁ ନାମ ଧାରଣ କରିବା ଆବଶ୍ୟକ ବୋଲି ପ୍ରଶ୍ନ ଉଠେ ? ଖ୍ରୀଷ୍ଟଙ୍କର ଅନୁଗାମୀ ପ୍ରଜାମାନଙ୍କୁ ବାଇବଲରେ ପବିତ୍ର ଜାତି, ଶୁଦ୍ଧ ସାଧୁ ଈଶ୍ୱରଙ୍କର ସନ୍ତାନ ପ୍ରଭୃତି ପଦ ଦ୍ୱାରା ଉଲ୍ଲେଖ କରାଯାଇଅଛି । କିନ୍ତୁ ପ୍ରକୃତରେ ଖ୍ରୀଷ୍ଟଙ୍କ ଅନୁକରଣକାରୀମାନେ କେଉଁ ନାମରେ ଖ୍ୟାତ ହେବା ଆବଶ୍ୟକ ? ପ୍ରଥମ ଶତାବ୍ଦୀରେ ଖ୍ରୀଷ୍ଟଙ୍କର ଆଜ୍ଞାକାରୀମାନେ କେଉଁ ନାମରେ ପରିଚିତ ହୋଇଥିଲେ ? ଲେଖାଯାଏ "...ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ବିଖ୍ୟାତ ହେଲେ" (ପ୍ରେରିତ ୧୧:୨୬) । ସେମାନେ 'ଖ୍ରୀଷ୍ଟିୟାନ' ବୋଲି ବିଖ୍ୟାତ ହେଲେ ବୋଲି ଈଶ୍ୱରଙ୍କ ବାକ୍ୟ କହେ । ସେମାନେ କୌଣସି ବର୍ଗୀୟ ଖ୍ରୀଷ୍ଟିୟାନ ନ ହୋଇ କେବଳ 'ଖ୍ରୀଷ୍ଟିୟାନ' ବା 'ଖ୍ରୀଷ୍ଟଙ୍କ ସ୍ୱରୂପ' ନାମ ଧାରଣ କରିଥିଲେ ।

ପିତରଙ୍କ ଅନୁଯାୟୀ "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାକୁ ଦଣ୍ଡ ଭୋଗକରେ, ତାହାହେଲେ ସେ ଲଜ୍ୟାବୋଧ ନ କରୁ ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧) । ଏଠାରେ ପିତର କେଉଁମାନଙ୍କ ବିଷୟରେ କହୁଅଛନ୍ତି ? ତାହାଙ୍କ ନାମ ଧାରଣକାରୀ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ । ସେମାନେ ଖ୍ରୀଷ୍ଟିୟାନ ନାମ ଧାରଣ କରିବାରେ ଲଜ୍ୟାବୋଧ ନ କରି, ସେହି ନାମ ଦ୍ୱାରା ଈଶ୍ୱରଙ୍କ ଗୌରବନ୍ୱିତ କରିବାକୁ ସେ ଏଠାରେ ଉତ୍ସାହିତ କରନ୍ତି । ଆମ୍ଭେମାନେ କରୁଥିବା ପ୍ରତ୍ୟେକ କାର୍ଯ୍ୟ, ତାହାଙ୍କ ନାମରେ କରିବା ଦ୍ୱାରା, ତାହାଙ୍କୁ ଆମ୍ଭେମାନେ ଗୌରବାନ୍ୱିତ କରୁଥାଉ ।

ପାଉଲ କଲସୀ ୩:୧୭ ରେ ଏପରି ଲେଖିଅଛନ୍ତି, "ଆଉ ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତେ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" ତାହାଙ୍କ ନାମ ଧାରଣ ନ କରି ତାହାଙ୍କ ନାମରେ ଆମ୍ଭେମାନେ କିପରି ସମସ୍ତ କାର୍ଯ୍ୟ କରି ପାରିବା ? ତାହା ଅସମ୍ଭବ, ଅନେକ ଖ୍ରୀଷ୍ଟୀୟ ମତଶାଖାର (Denomination) ଲୋକେ ସତ୍ୟମାର୍ଗ ପରିତ୍ୟାଗ କରି, ଜାଗତିକ ପଦ, ପଦବୀ, ନାମ ପ୍ରଭୃତି ଧାରଣ କରି, ବୃଥାରେ ଈଶ୍ୱରଙ୍କ ନାମକୁ ଗୌରବାନ୍ୱିତ କରିବାକୁ ଚେଷ୍ଟା କରୁ ଅଛନ୍ତି । ଅନେକ କାଥ୍ଲିକ ଖ୍ରୀଷ୍ଟିୟାନ, ବାପ୍ଟିଷ୍ଟ ଖ୍ରୀଷ୍ଟିୟାନ, ମେଥଡିଷ୍ଟ ଖ୍ରୀଷ୍ଟିୟାନ ପ୍ରଭୃତି ବିଭିନ୍ନ ଉପନାମ ଦ୍ୱାରା ଆଖ୍ୟାତ ହୁଅନ୍ତି । କିନ୍ତୁ ଈଶ୍ୱର ଆମ୍ଭମାନଙ୍କୁ କେବଳ ଖ୍ରୀଷ୍ଟିୟାନ ନାମ ଧାରଣ କରିବା ଇଚ୍ଛା କରନ୍ତି । ଖ୍ରୀଷ୍ଟଙ୍କର ଆଜ୍ଞାଗୁଡ଼ିକର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟିୟାନ ହୋଇ ପାରିବା । ଏହି 'ଖ୍ରୀଷ୍ଟିୟାନ ନାମ ବ୍ୟତୀତ, ଅନ୍ୟାନ୍ୟ ନାମ ଉପନାମ ଧାରଣ କରିବା ଦ୍ୱାରା ଆମ୍ଭେମାନେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇ ପାରିବା ନାହିଁ ।

ତେବେ ଏହି ଖ୍ରୀଷ୍ଟୀୟ ସମାବେଶର ସଂସ୍ଥାକୁ କେଉଁ ନାମରେ ନାମିତ କରିବା ଉଚିତ ? ତେବେ ପ୍ରଶ୍ନ ଉଠେ, ଏହା କାହା ଦ୍ୱାରା ପ୍ରତିଜ୍ଞାତ ହୋଇଥିଲା ? କିଏ ଏହାକୁ ସ୍ଥାପିତ କରିଥିଲେ ? ଏହାର ମସ୍ତକ କିଏ ଅଟନ୍ତି ? କିଏ ଏହାର ତ୍ରାଣକର୍ତ୍ତା ଅଟନ୍ତି ? ମାଥିଉ ୧୬:୧୮; ପ୍ରେରିତ ୨ପର୍ବ, କଲସୀ ୧:୧୮, ଏଫିସୀ ୫ :୨୭, ପ୍ରେରିତ ୨୦:୨୮ ଏବଂ ଏଫିସୀ ୫:୨୭, ପଦଗୁଡିକରେ ଖ୍ରୀଷ୍ଟ ଯେ ସମସ୍ତ ପ୍ରଶ୍ନର ଉତ୍ତର ଅଟନ୍ତି ଏହା ଆମ୍ଭେମାନେ ଜାଣିପାରିବା । ସେହି ସଂସ୍ଥା ବା ମଣ୍ଡଳୀ ଖ୍ରୀଷ୍ଟଙ୍କ ନାମ ଧାରଣ କରିବା ଆବଶ୍ୟକ । ତେଣୁ ତାହା "ଖ୍ରୀଷ୍ଟଙ୍କ ମଣ୍ଡଳୀ' (Church of Christ)ଅଟେ, ଏବଂ ତାହାର ସଭ୍ୟମାନେ ଖ୍ରୀଷ୍ଟିୟାନ ନାମରେ ଖ୍ୟାତ ।

ରୋମୀୟ ୧୬:୧୬ ରେ ପାଉଲ, "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି" ବୋଲି ଲେଖିଅଛନ୍ତି । ଏଠାରେ ସମସ୍ତ ମଣ୍ଡଳୀର ଅର୍ଥାତ୍ ସମସ୍ତ ଖ୍ରୀଷ୍ଟିୟ ମତଶାଖା ମଣ୍ଡଳୀଗୁଡ଼ିକ ନୁହେଁ । କିନ୍ତୁ କରନ୍ଥୀରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀ, ଥେସଲନୀକୀରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀ ପ୍ରକୃତି ମଣ୍ଡଳୀଗୁଡ଼ିକକୁ ଉଲ୍ଲେଖ କରିବା ନିମନ୍ତେ ଏଠାରେ ପାଉଲ "ସମସ୍ତ ଖ୍ରୀଷ୍ଟଙ୍କର ମଣ୍ଡଳୀ" ବୋଲି କହି ଅଛନ୍ତି । ଅନ୍ୟଭାବରେ କହିଲେ, ଏହି ସମସ୍ତ ଖ୍ରୀଷ୍ଟଙ୍କର ମଣ୍ଡଳୀ, ରୋମରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ନମସ୍କାର ଜଣାଉଅଛନ୍ତି ବୋଲି ପାଉଲ ଏଠାରେ ଉଲ୍ଲେଖ କରନ୍ତି । ଅନେକେ ପ୍ରକାଶିତ ୧-୩ ପର୍ବରେ ବର୍ଣ୍ଣିତ ସାତଟି ମଣ୍ଡଳୀଗୁଡ଼ିକକୁ, ସାତ ପ୍ରକାର ଖ୍ରୀଷ୍ଟିୟ ମତଶାଖା (Denominations) ବୋଲି ତର୍କ କରିଥାନ୍ତି । କିନ୍ତୁ ସେଗୁଡ଼ିକ ମଧ୍ୟ ସ୍ଥାନୀୟ ଖ୍ରୀଷ୍ଟଙ୍କ ମଣ୍ଡଳୀ (Local Congregation) ଅଟେ । ଖ୍ରୀଷ୍ଟ ଅନେକ ମଣ୍ଡଳୀ ସ୍ଥାପନ କରି ନାହାନ୍ତି, କେବଳ ଏକମାତ୍ର ମଣ୍ଡଳୀ ସେ ସ୍ଥାପନ କରି ଅଛନ୍ତି । ତାହାଙ୍କ ଦ୍ୱାରା ସ୍ଥାପିତ ମଣ୍ଡଳୀ ତାହାଙ୍କ ନାମ ଧାରଣ କରିବା ଆବଶ୍ୟକ । ଖ୍ରୀଷ୍ଟଙ୍କର ନାମ ଧାରଣ ନ କରି, ମଣ୍ଡଳୀ କିପରି ଖ୍ରୀଷ୍ଟଙ୍କ ହୋଇ ପାରିବ ?

ଈଶ୍ୱର, ଆମ୍ଭେମାନେ କେବଳ ଖ୍ରୀଷ୍ଟିୟାନ ନାମ ଧାରଣ କରି ତାହାଙ୍କ ମଣ୍ଡଳୀର ସଭ୍ୟ ହେବାର ଇଚ୍ଛା କରନ୍ତି । ତେବେ ଆପଣ କ'ଣ ପ୍ରକୃତ ଖ୍ରୀଷ୍ଟିୟାନ ? ଆପଣ କି ତାହାଙ୍କ ମଣ୍ଡଳୀ ସଭ୍ୟ ? ଆପଣ ଯଦି ତାହାଙ୍କ ମଣ୍ଡଳୀର ସଭ୍ୟ ନୁହଁନ୍ତି, ତେବେ କିପରି ତାହାଙ୍କ ସନ୍ତୋଷ ପାତ୍ର ହୋଇ ପାରିବେ ? ତାହାଙ୍କର ଆଜ୍ଞାପାଳନ ନ କରି, ତାହାଙ୍କର କିପରି ହୋଇ ପାରିବେ ? ଆମ୍ଭେମାନେ ଆପଣା ଆପଣାକୁ ପରୀକ୍ଷା କରିବା ଆବଶ୍ୟକ ।

***- J.C. Choate***

❋❋❋

# "...ଏପରି ଏକ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି ।"

## (There is a god in Heaven)

ବାବିଲର ରାଜା ନବୂଖଦ୍‌ନିତ୍ସର୍‌ଙ୍କ ରାଜୁତିରେ ୨ୟ ବର୍ଷରେ ଏକ ସ୍ୱପ୍ନ ଦେଖିଲେ । କିନ୍ତୁ ସ୍ୱପ୍ନ ସେ ମନେ ରଖି ପାରିନଥିଲେ । ତାହାଙ୍କ ଆତ୍ମା ଉଦ୍‌ବିଗ୍ନ ହେଲା ଓ ତାହାଙ୍କ ନିଦ୍ରା ଭଗ୍ନ ହେଲା । ସେ ଆପଣା ରାଜ୍ୟର ସମସ୍ତ ମନ୍ତ୍ରବେତ୍ତା, ଗଣକ,

ମାୟାବୀ ଓ କଲଦୀୟମାନଙ୍କୁ ଡାକି, ସ୍ୱପ୍ନର ଅରେଥ ପ୍ରକାଶ କରିବା ନିମନ୍ତେ ଆଜ୍ଞା ଦେଲେ । କିନ୍ତୁ ତାହାଙ୍କ ରାଜାନିବାସୀ କୌଣସି ବ୍ୟକ୍ତି ସ୍ୱପ୍ନର ଅର୍ଥ ପ୍ରକାଶ କରି ପାଇଲେ ନାହିଁ । ରାଜା କ୍ରୋଧାନ୍ୱିତ ହୋଇ ସମସ୍ତ ଜ୍ଞାନୀମାନଙ୍କୁ ହତ୍ୟା କରିବାକୁ ଆଜ୍ଞା ଦେଲେ । "ତହିଁରେ "ଆଜ୍ଞା ପ୍ରଚାରିତ ହେଲା ଯେ, ବିଦ୍ୱାନ ଲୋକମାନେ ହତ ହେବେ, ଆଉ ଲୋକମାନେ ଦାନିୟେଲ ଓ ତାଙ୍କର ସଙ୍ଗୀମାନଙ୍କୁ ବଧ କରିବା ପାଇଁ ଅନ୍ୱେଷଣ କଲେ ।" (ଦାନିୟେଲ ୨:୧୩) । ଜ୍ଞାନୀ ଦାନିୟେଲ, ସ୍ୱପ୍ନର ଅର୍ଥ ପ୍ରକାଶ କରିବା ନିମନ୍ତେ ଅଧିକା ସମୟ ପାଇଁ ଅନୁରୋଧ କଲେ । (୧୬ ପଦ) ।

ଦାନିୟେଲ ଓ ତାହାଙ୍କ ତିନି ସାଥି ଏବଂ ବାବିଲୋନର ପ୍ରତ୍ୟେକ ବିଦ୍ୱାନମାନଙ୍କ ଜୀବନକୁ ବିପଦ ଆସିଲା । ସେମାନଙ୍କୁ ବଧ କରିବା ପାଇଁ ରାଜାଜ୍ଞା ଥିଲା । ଦାନିୟେଲ ସଦାପ୍ରଭୁଙ୍କ ଶରଣ ନେଲେ । "ଏଥିରେ ଦାନିୟେଲ ଯେପରି ଆପଣା ଗୃହକୁ ଗଲେ, ଆଉ ସେ ଓ ତାଙ୍କର ସଙ୍ଗୀମାନେ ଯେପରି ବାବିଲର ଅନ୍ୟାନ୍ୟ ବିଦ୍ୱାନମାନଙ୍କ ସଙ୍ଗେ ବିନଷ୍ଟ ନୋହିବେ । ଏଥିପାଇଁ ଏହି ନିଗୂଢ଼ ବିଷୟରେ ସ୍ୱର୍ଗସ୍ଥ ପରମେଶ୍ୱରଙ୍କର ଅନୁଗ୍ରହ ପ୍ରାର୍ଥନା କରିବା ପାଇଁ ଆପଣା ସଙ୍ଗୀ ହନାନିୟ, ମିଶାୟେଲ ଓ ଅସରିୟଙ୍କୁ ସେହି ବୃତ୍ତାନ୍ତ ଜଣାଇଲେ ।" (ଦାନିୟେଲ ୨:୧୭-୧୮) ।

ସର୍ବସ୍ଥ ପରମେଶ୍ୱର କହିଲେ, ''ପୁଣି, ସଙ୍କଟ ଦିନରେ ଆମ୍ଭକୁ ଡାକ ଆମ୍ଭେ ତୁମ୍ଭକୁ ଉଦ୍ଧାର କିବ । ଆଉ ତୁମ୍ଭେ ଆମ୍ଭର ମହିମା ପ୍ରକାଶ କରିବ ।'' (ଗୀତ ୫୦:୧୫) । ସୈନ୍ୟାଧିପତି ସଦାପ୍ରଭୁ ସୂପସାଗର ଦୁଇ ଭାଗରେ ବିଭକ୍ତ କଲେ ଓ ଇଶ୍ରାଏଲ ଜାତି ଫାରୋଙ୍କ କବଳରୁ ମୁକ୍ତ ହୋଇ ବନ୍ଦୀତ୍ୱର ମୁକ୍ତ ହେଲେ । ଫାରୋଙ୍କ ସୈନ୍ୟମାନଙ୍କ ଠାରୁ ଉଦ୍ଧାର ନିମନ୍ତେ ସଦାପ୍ରଭୁଙ୍କ ନିକଟରେ ସେମାନଙ୍କ କ୍ରନ୍ଦନ ସେ ଶ୍ରବଣ କରିଥିଲେ । ଫାରୋଙ୍କ ସୈନ୍ୟମାନଙ୍କ ଠାରୁ ଉଦ୍ଧାର ପାଇ ଇଶ୍ରାଏଲ ସନ୍ତାନମାନେ ସଦାପ୍ରଭୁଙ୍କର ସ୍ତୁତିଗାନ କରିଥିଲେ । "ଆମ୍ଭେ ସଦାପ୍ରଭୁଙ୍କ ଉଦ୍ଦେଶୟରେ ଗାନ କରିବା, କାରଣ ସେ ଅତିଶୟ ଉନ୍ନତ ହୋଇ ଅଛନ୍ତି ,.... ସଦାପ୍ରଭୁ ଯୁଗାନ୍ତ କ୍ରମେ ଅନନ୍ତକାଳ ରାଜତ୍ୱ କରିବେ ।" (ଯାତ୍ରା ୧୫:୧-୧୮) । ସଦାପ୍ରଭୁ ହାନ୍ନାଙ୍କ ପ୍ରାର୍ଥନା ଶ୍ରବଣ କଲେ ଓ ତାହାଙ୍କୁ ଶାମୁୟେଲ ପ୍ରଦାନ କରିଥିଲେ । ସେ ସଦାପ୍ରଭୁଙ୍କ ଠାରେ ଧନ୍ୟବାଦ ଦେଇ କହିଲେ । "...ମୋହର ଅନ୍ତଃକରଣ ସଦାପ୍ରଭୁଙ୍କ ଠାରେ ମହାଉଲ୍ଲାସ କରୁଅଛି , ...ସେ ଆପଣା ରାଜାଙ୍କୁ ବଳ ଦେବେ, ପୁଣି ଆପଣା ଅଭିଷେକୀଙ୍କ ଶୃଙ୍ଗ ଉନ୍ନତ କରିବେ ।" (୧ମ ଶାମୁୟେଲ ୨:୧-୧୦) । ଭବବାଦୀ ଯୁନସ, ମତ୍ସ୍ୟ ଉଦରରୁ ସଦାପ୍ରଭୁଙ୍କ ପ୍ରଶଂସା କରଥିଲେ, .... ମୁଁ ଆପଣା ଦୁଃଖ ସକାଶୁ ସଦାପ୍ରଭୁଙ୍କ ଡାକିଲି

ତହିଁରେ ସେ ମୋତେ ଉତ୍ତର ଦେଲେ ... ପରିତ୍ରାଣ ସଦାପ୍ରଭୁଙ୍କ ଠାରୁ ହୁଏ ।" (ଯୂନସ ୨:୧-୯) । ସଦାପ୍ରଭୁ ଏଷ୍ଟର ଓ ତାହାଙ୍କ ସାଥିମାନଙ୍କ ପ୍ରାର୍ଥନା ଶ୍ରବଣ କରି, ହାମାନ୍‌ର ଦୁଷ୍ଟ ପ୍ରଚେଷ୍ଟାରୁ ଯିହୂଦୀ ବଂଶକୁ ଉଦ୍ଧାର କରିଥିଲେ । ମୋଶା, ଇଶ୍ରାଏଲ ଜାତିକୁ କହିଥିଲେ । ଯେହେତୁ ଆମ୍ଭେମାନେ ଯେକୌଣସି ସମୟରେ ପ୍ରାର୍ଥନା କରୁ, ସେ ସମୟରେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଯେପରି ଆମ୍ଭମାନଙ୍କର ନିକଟବର୍ତ୍ତୀ ହୁଅନ୍ତି, ସେପରି କେଉଁ ଗୋଷ୍ଠୀର ପରମେଶ୍ୱର ସେମାନଙ୍କର ନିକଟବର୍ତ୍ତୀ ହୁଅନ୍ତି ?" (ଦ୍ୱି.ବି. ୪:୭) । "ପରମେଶ୍ୱର ଧନ୍ୟ ହେଉନ୍ତୁ, ସେ ମୋହର ପ୍ରାର୍ଥନା କିଅବା ମୋ'ଠାରୁ ଆପଣା ଦୟା ଦୂର କରି ନାହାନ୍ତି ।" (ଗୀତ ୬୬:୨୦) । "ତାହାଙ୍କ ଯାଜକବଗଣ ମଧ୍ୟରେ ମୋଶା ଓ ହାରୋଣ ଓ ତାହାଙ୍କ ନାମରେ ପ୍ରାର୍ଥନାକାରୀ ମାନଙ୍କ ମଧ୍ୟରେ ଶାମୁୟେଲ ପ୍ରଭୁଙ୍କ ପ୍ରାର୍ଥନା କଲେ ଓ ସେ ସେମାନଙ୍କୁ ଉତ୍ତର ଦେଲେ ।" (ଗୀତ ୯୯:୬) । ଆମ୍ଭମାନଙ୍କ ପ୍ରେମମୟ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି । (ମାଥିଉ ୭:୭-୧୧, ଲୂକ ୧୮:୪) । ମୁଁ ମୃତ୍ୟୁଛାୟାରୂପ ଉପତ୍ୟାକ୍ଷ ଦେଇ ଗମନ କଲେ ହେଁ, କୌଣସି ଆପଦକୁ ଭୟ କରିବି ନାହିଁ, କାରଣ ତୁମ୍ଭେ ମୋହର ସହବର୍ତ୍ତୀ, ତୁମ୍ଭର ପାଞ୍ଚଣ ଓ ତୁମ୍ଭର ବାଡି ସାନ୍ତ୍ୱନା ଦିଏ । (ଗୀତ ୨୩:୪) ବୋଲି ଦାଉଦ ଗୀତ ଗାଇଥିଲେ । ଅନେକ ଥର ସଦାପ୍ରଭୁ, ଦାଉଦଙ୍କୁ ତାହାଙ୍କ ଶତ୍ରୁମାନଙ୍କ ଠାରୁ ରକ୍ଷା କରିଥିଲେ ଓ ସର୍ବଦା ତାହାଙ୍କ ଠାରେ କୃତଜ୍ଞତା ଅର୍ପଣ କରୁଥିଲେ ।

ଦାନିୟେଲ, ନବୁଖଦନିତ୍ସରଙ୍କ ସ୍ୱପ୍ନର ଅର୍ଥ ସଦାପ୍ରଭୁଙ୍କ ଦ୍ୱାରା ଜ୍ଞାତ ହୋଇ ତାହାଙ୍କ ମହାନ ନାମର ଧନ୍ୟବାଦ କରିଥିଲେ । ଆମ୍ଭମାନଙ୍କ ପରମେଶ୍ୱର ସର୍ବଜ୍ଞାନୀ ଓ ସର୍ବଶକ୍ତିମାନ ଅଟନ୍ତି । ତାହାଙ୍କ ଜ୍ଞାନ ଓ ଶକ୍ତିରେ ସେ ସମସ୍ତ ସୃଷ୍ଟି କରିଅଛନ୍ତି । ତାହାଙ୍କ ଜ୍ଞାନ ଓ ଶକ୍ତିରେ ସେ ଏହି ବିଶ୍ୱକୁ ଆପଣା ବଶରେ ରଖି ଅଛନ୍ତି । ସେ ଏକମାତ୍ର ଶକ୍ତିମାନ ପରମେଶ୍ୱର ଅଟନ୍ତି, ଯାହାଙ୍କ ଅଧିନରେ 'ସମୟ' ରହିଅଛି ତାହାଙ୍କ ଦ୍ୱାରା ରାଜ୍ୟ ଉନ୍ନତ ଓ ପତିତ ହୁଅ । "କାରଣ ପୂର୍ବ ଦିଗରୁ, କି ପଶ୍ଚିମ ଦିଗରୁ, କିଅବା ଦକ୍ଷିଣ ଦିଗରୁ ଉନ୍ନତି ଆସେ ନାହିଁ, ମାତ୍ର ପରମେଶ୍ୱର ବିଚାରକର୍ତ୍ତା ଅଟନ୍ତି, ସେ ଏକକୁ ଅବନ୍ନତ ଓ ଅନ୍ୟକୁ ଉନ୍ନତ କରନ୍ତି ।" (ଗୀତ ୭୫:୬-୭) । ଆମ୍ଭମାନଙ୍କ ପରମେଶ୍ୱର ସର୍ବେଶକ୍ତିମାନ (Omni-potent), "ସେ ଅନ୍ଧାରରୁ ନିଗୂଢ଼ ବିଷୟ ପ୍ରକାଶ କରନ୍ତି । "ସେ ଅନ୍ଧାରରୁ ନିଗୁଢ଼ ବିଷୟ ପ୍ରକାଶ କରନ୍ତି, ଓ ମୃତ୍ୟୁଛାୟାକୁ ଆଲୁଅରେ ଆଣନ୍ତି ।" (ଆୟୁବ ୧୨:୨୨) । ଆମ୍ଭମାନଙ୍କ ପରମେଶ୍ୱର ସର୍ବଜ୍ଞାନୀ ଅଟନ୍ତି । ସମୁଦ୍ରର ଗଭୀରତା ଓ ଅନ୍ଧାକରର ଗୁପ୍ତ ବିଷୟ ଜ୍ଞାତ ଅଟନ୍ତି । ଦାଉଦ କହନ୍ତି, "ତୁମ୍ଭ ଆତ୍ମାଠାରୁ ମୁଁ କେଉଁ ଠାକୁ

ଯିବି ?  ଅବା ତୁମ୍ଭ ସାକ୍ଷାତରୁ ମୁଁ କେଉଁ ଠାକୁ ପଳାଇବି ? ଯେବେ ମୁଁ ସ୍ୱର୍ଗକୁ ଆରୋହଣ କରେ, ତେବେ ତୁମ୍ଭେ ସେଠାରେ, ଯେବେ ମୁଁ ସ୍ୱର୍ଗକୁ ଆରୋହଣ କରେ, ତେବେ ତୁମ୍ଭେ ସେଠାରେ । ଯେବେ ମୁଁ ପାତାଳରେ ବିଛଣା କରେ, ତେବେ ତୁମ୍ଭେ ସେଠାରେ । ଯେବେ ମୁଁ ପାତାଳରେ ବିଛଣା କରେ, ତେବେ ଦେଖ, ତୁମ୍ଭେ ସେଠାରେ । ଯେବେ ମୁଁ ଅରୁଣର ପକ୍ଷଧରେ ଓ ସମୁଦ୍ରର ପ୍ରାନ୍ତ ସୀମାରେ ବାସକରେ, ସେଠାରେ ହେଁ ତୁମ୍ଭର ହସ୍ତ ମୋତେ ଚଳାଇବ ଓ ତୁମ୍ଭର ଦକ୍ଷିଣ ହସ୍ତ ମୋତେ ଧରି ରଖିବ । ଯେବେ ମୁଁ କହେ, ନିଶ୍ଚୟ ଅନ୍ଧକାର ମୋତେ ମଗ୍ନ କରିବ ଓ ମୋ ଚତୁର୍ଦ୍ଦଶୀସ୍ଥ ଆଲୁଅ ରାତ୍ରି ହେବ । ତେବେ ଅନ୍ଧକାର ହିଁ ତୁମ୍ଭଠାରୁ ଲୁଚାଏ ନାହିଁ । ବରଂ ରାତ୍ରି ଦିବସ ପରି ଦୀପ୍ତିମାନ ହୁଏ, ତୁମ୍ଭପ୍ରତି ଅନ୍ଧାର ଓ ଆଲୁଅ ଦୁଇ ସମାନ ।" (ଗୀତ ୧୩୯:୭-୧୨) । ଆମ୍ଭମାନଙ୍କ ପରମେଶ୍ୱର ସର୍ବବ୍ୟାପୀ ଅଟନ୍ତି । ତାହାଙ୍କ ଠାରୁ କୌଣସି ବିଷୟ ଗୁପ୍ତ ନୁହେଁ ।

ଆମ୍ଭମାନଙ୍କ ସର୍ବଶକ୍ତିମାନ,  ସର୍ବଜ୍ଞାନୀ ଓ ସର୍ବବ୍ୟାପୀ ପରମେଶ୍ୱର ଅଗମ୍ୟ ଜ୍ୟୋତି ନିବାସୀ । (୧ମ ତୀମଥି ୬:୧୬) । 'ବସ୍ତ୍ରପରି ଦୀପ୍ତି ପରିଧାନ' କରିଥିବା ପରମେଶ୍ୱର ତାହାଙ୍କ ସନ୍ତାନମାନଙ୍କ ତତ୍ତ୍ୱବଧାନ ଦିଅନ୍ତି । ସେମାନଙ୍କ ପ୍ରାର୍ଥନା ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଥାଏ । (୧୦୪:୨, ୧ମ ପିତର ୩:୧୨) । ସମୟ ତାହାଙ୍କ ଅଧୀନସ୍ଥ ଅଟେ । ସେ ଆମ୍ଭମାନଙ୍କ ଭବିଷ୍ୟତ ବିଷୟରେ ଜ୍ଞାତ ଅଟନ୍ତି ।

ଦାନିୟେଲ, ରାଜା ନବୁଖଦ୍‌ନିତ୍ସରର ସମ୍ମୁଖରେ ଠିଆ ହୋଇ କହିଲେ, "...ଯେ ନିଗୁଢ଼ ବିଷୟମାନ ପ୍ରକାଶ କରନ୍ତି । ଏପରି ଏକ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି । ଆଉ ଅନ୍ତିମ କାଳରେ ଯାହା ଯାହା ଘଟିବ, ତାହା ସେ ମହାରାଜା ନବୁଖଦ୍‌ନିତ୍ସରଙ୍କ ଜଣାଇ ଅଛନ୍ତି ।" (ଦାନିୟେଲ ୨:୨୯) । ରାଜାଙ୍କ ସ୍ୱପ୍ନ ଓ ତାହାର ଭାବ ବିଷୟରେ ଆମ୍ଭେମାନେ ଦାନିୟେଲ ୨:୨୯-୪୫ ପଦ ଗୁଡିକରେ ପଢ଼ିଥାଉଁ । ତାହାଙ୍କ ପରବର୍ତ୍ତୀ ସାମ୍ରାଜ୍ୟ ଓ ଚତୁର୍ଥ ସମ୍ରାଜ୍ୟରେ ସମୟରେ ମଣ୍ଡଳୀର ସ୍ଥାପନ ବିଷୟରେ ସଦାପ୍ରଭୁ ପରମେଶ୍ୱର ରାଜା ନବୁଖଦ୍‌ନିତ୍ସରଙ୍କୁ ସ୍ୱପ୍ନ ଦ୍ୱାରା ଜଣାଇଥିଲେ ।

ପ୍ରଜାମାନେ ରାଜାଙ୍କ ଭୂମିଷ୍ଠ ପ୍ରଣାମ କରନ୍ତି । କିନ୍ତୁ ରାଜା ନବୁଖଦ୍‌ନିତ୍ସର ଦାନିୟେଲଙ୍କ ଭୂମିଷ୍ଠ ପ୍ରଣାମ କଲେ, "...ଓ ଲୋକମାନେ ଯେପରି ତାଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଓ ସୁଗନ୍ଧି ଧୂପ ଉତ୍ସର୍ଗ କରିବେ, ଏହା ଆଜ୍ଞା କଲେ । ରାଜା ଦାନିୟେଲ ଉତ୍ତର କରି କହିଲେ, ତୁମ୍ଭେ ଏହି ନିଗୂଢ଼ କଥା ପ୍ରକାଶ କରିବାକୁ ସମର୍ଥ ହୋଇଅଛି । ଏଥିପାଇଁ ନିଶ୍ଚୟ ତୁମ୍ଭର ପରମେଶ୍ୱର ଈଶ୍ୱରଗଣର ଈଶ୍ୱର ଓ ରାଜଗଣର ପ୍ରଭୁ ନିଗୂଢ଼ ବିଷୟମାନର ପ୍ରକାଶକ ଅଟନ୍ତି । ତହିଁ ରାଜା ଦାନିୟେଲଙ୍କୁ

ମହାନ କରି ଅନେକ ବହୁମୂଲ୍ୟ ଉପହାର ଦେଲା, ଆଉ ବାବିଲର ସମୁଦାୟ ପ୍ରଦେଶ ଉପରେ କର୍ତ୍ତବ୍ୟ ପଦ ଦେଇ ବାବିଲସ୍ଥ ଯାବତୀୟ ବିଦ୍ୱାନ ଲୋକଙ୍କ ଉପରେ ତାଙ୍କୁ ପ୍ରଧାନ ଅଧିପତି କଲା ।" (ଦାନିୟେଲ ୨:୪୬-୪୮) । ରାଜାଜ୍ଞା ଦ୍ୱାରା ବଧ ଯୋଗ୍ୟ ଦାନିୟେଲ, ପ୍ରାର୍ଥନାରେ ପରମେଶ୍ୱର ସହାୟତା ଲୋଡିଲେ । ପରମେଶ୍ୱର ତାହାଙ୍କୁ ସାହାଯ୍ୟ କଲେ, ସେ ମହାନ ହୋଇ ରାଜାଙ୍କ ଦରବାରରେ ନିଯୁକ୍ତି ହେଲେ । ଯେଉଁ ପରମେଶ୍ୱର ଆପଣାଙ୍କ ତତ୍ତ୍ୱବଧାନ କରନ୍ତି, ତାହାଙ୍କ ଠାରେ କୃତଜ୍ଞ ହୋଇ ଜୀବନ ଯାପନ କର ।

***- Kabita Gootam***

❋ ❋ ❋

# ଅସମାନ୍ୟ ଭାବବାଦୀ

## (A Prophet like none other)

ମୋଶାଙ୍କ ମୃତ୍ୟୁପରେ ସେ ଏହି 'ଅସମାନ୍ୟ ଭାବବାଦୀ'ର ପଦବୀ ପ୍ରାପ୍ତ ହୋଇଥିଲେ । (ଦ୍ୱି.ବି-୩୪:୧୨) ମୋଶାଙ୍କ ମୃତ୍ୟୁପରେ, ଇଶ୍ରାଏଲୀୟମାନେ ପ୍ରତିଜ୍ଞାତ ଦେଶ ମଧ୍ୟକୁ ଅଗ୍ରସର ହେବାକୁ ଆରମ୍ଭ କରିଥିଲେ । ମୋଶାଙ୍କ ପରେ ନେତୃତ୍ୱର ଭାର ଯିହୋଶୂୟଙ୍କ ଉପରେ ପଡିଥିଲା । ତାହାଙ୍କ ନେତୃତ୍ୱରେ ଇଶ୍ରାଏଲର ପରମେଶ୍ୱରଙ୍କ ସାହାଯ୍ୟରେ ଇଶ୍ରାଏଲମାନେ ପ୍ରତିଜ୍ଞାତ ଦେଶ ସ୍ୱାଧୀନ କରିଥିଲେ ।

ଗଣନା ପୁସ୍ତକ ୨୦ମ ଅଧ୍ୟାୟରେ ଇଶ୍ରାଏଲୀୟ ଜନତା ଆଦେଶ ଉପସ୍ଥିତ ହେବାର ପଢିଥାଉ । ସେଠାରେ ସେମାନଙ୍କ ନିମନ୍ତେ ଜଳ ନଥିବାରୁ ମୋଶା ହାରୋଣଙ୍କ ବୁିଦ୍ଧରେ ବଚଶା କଲେ । ଏହି ସମସ୍ୟାର ସମାଧାନରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ ଯଷ୍ଟି ନିଅ, ପୁଣି ତୁମ୍ଭେ ଓ ତୁମ୍ଭ ଭାଇ ହାରୋଣ ସେମାନଙ୍କ ଦୃଷ୍ଟିଗୋଚରରେ ସେହି ଶୈଳକୁ ଆପଣା ଜଳ ଦେବା ପରି ଆଜ୍ଞା ଦିଅ, ତହିଁରେ ତୁମ୍ଭେ ସେମାନଙ୍କ ନିମନ୍ତେ ଶୈଳକୁ ଜଳ ବାହାର କରି ମଣ୍ଡଳୀକି ଓ ସେମାନଙ୍କ ପଶୁଗଣକୁ ପାନ କରାଇବ ।"

ମୋଶା ଶୈଳକୁ ଜଳ ଦେବାକୁ ଆଜ୍ଞା ନଦେଇ, ଯଷ୍ଟିରେ ଆଘାତ କଲେ । ମୋଶା ଓ ହାରୋଣଙ୍କ ଅବିବେଚନାର କଥା ଓ କର୍ମ ଦ୍ୱାରା ସଦାପ୍ରଭୁ କ୍ରୋଧରେ କହିଲେ, "ତୁମ୍ଭେମାନେ ଇଶ୍ରାଏଲ-ସନ୍ତାନମାନଙ୍କ ସାକ୍ଷାତରେ ଆମ୍ଭକୁ ପବିତ୍ର

ବୋଲି ମାନ୍ୟ କରିବାକୁ ଆମ୍ଭଠାରେ ବିଶ୍ୱାସ କଲ ନାହିଁ, ଏହେତୁ ଆମ୍ଭେ ଏହି ମଣ୍ଡଳୀକି ଯେଉଁ ଦେଶ ଦେଇ ଅଛୁ, ସେହି ଦେଶରେ ତୁମ୍ଭେମାନେ ସେମାନଙ୍କୁ ପ୍ରବେଶ କରାଇବ ନାହିଁ।" (ଗଣନା-୨୦:୧୨)। ମୋଶା ଅବିଶ୍ୱାସୀମାନଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ କଲେ। ପରମେଶ୍ୱରଙ୍କ ଆଜ୍ଞା ଅନୁସରଣ ନ କରିବାରୁ ପରମେଶ୍ୱରଙ୍କ କ୍ରୋଧ ସେମାନଙ୍କ ଉପରେ ବର୍ତ୍ତିଲା, ପ୍ରତିଜ୍ଞାତ ଦେଶରେ ସେମାନେ ପ୍ରବେଶ କରି ପାରିଲେ ନାହିଁ।

ମିସରର ଦାସତ୍ୱରୁ ମୁକ୍ତ କରିବାରେ ନେତୃତ୍ୱ ବହନ କରିଥିବା ମୋଶା ସେ ଆରମ୍ଭ କରିଥିବା କାର୍ଯ୍ୟ ସମାପ୍ତି ଦେଖିବାକୁ ପାଇଁ ପରମେଶ୍ୱରଙ୍କୁ ବିନୀତ କରିଥିଲେ। "ମାତ୍ର ସଦାପ୍ରଭୁ ତୁମ୍ଭମାନଙ୍କ ସକାଶୁ ମୋ ଉପରେ କ୍ରୋଧ କଲେ ଓ ମୋ କଥା ଶୁଣିଲେ ନାହିଁ। ଆଉ ସଦାପ୍ରଭୁ ମୋତେ କହିଲେ, ତୁମ୍ଭର ଯଥେଷ୍ଟ ହେଲାଣି, ଏ ବିଷୟରେ ଆମ୍ଭକୁ ଆଉ କୁହ ନାହିଁ। ପିସଗାର ଶୃଙ୍ଗକୁ ଗଡ଼ି ଯାଅ, ଆଉ ପଶ୍ଚିମ ଓ ଉତ୍ତର, ଦକ୍ଷିଣ ଓ ପୂର୍ବ ଆଡେ ଅନାଇ ଦେଖ ଓ ଆପଣା ଚକ୍ଷୁରେ ନିରୀକ୍ଷଣ କର, କାରଣ ତୁମ୍ଭେ ଏହି ଯର୍ଦ୍ଦନ ପାର ହୋଇ ଯିବ ନାହିଁ। ମାତ୍ର ଯିହୋଶୂୟକୁ ଆଜ୍ଞା ଦିଅ ଓ ତାହାକୁ ସାହସ ଦିଅ ତାହାକୁ ବଳଦାନ କରାଅ। କାରଣ ସେ ଏହି ଲୋକମାନଙ୍କ ଆଗେ ଆଗେ ପାର ହୋଇଯିବ, ପୁଣି ତୁମ୍ଭ ଯେଉଁ ଦେଶ ଦେଖିବ, ତାହା ସେ ତୁମ୍ଭମାନଙ୍କୁ ଅଧିକାର କରାଇବ।" (ଦ୍ୱି.ବି-୩୩:୨୬-୨୯)।

ଅବାରୀମ ପର୍ବତମାଳାରେ ଅବସ୍ଥିତ ନବୋ ପର୍ବତ ମୋଶା ଆରୋହଣ କଲେ। (ଦ୍ୱି.ବି-୩୪ମ ଅଧ୍ୟାୟ)। ସଦାପ୍ରଭୁ ପରମେଶ୍ୱର ଇଶ୍ରାଏଲ ସନ୍ତାନମାନଙ୍କୁ ଦତ୍ତ ଦେଶ ଗୁଡିକ ସେ ସେଠାରୁ ନିରୀକ୍ଷଣ କଲେ। ପୂର୍ବକାଳରେ କୌଣସି ପ୍ରଦେଶ କ୍ରୟ କରିବା ପୂର୍ବେ ସ୍ୱଚକ୍ଷୁରେ ନିରୀକ୍ଷଣ କରୁଥିଲେ। ଇଶ୍ରାଏଲ ସନ୍ତାନମାନେ ଅଧିକାର କରିବାକୁ ଯାଉଥିବା ଦେଶ ଗୁଡିକ ସ୍ୱଚକ୍ଷୁରେ ନିରୀକ୍ଷଣ କରି ମହାନ ନେତା ଆଖି ବୁଜିଲେ। ସେ ଏହି ଜଗତର ପୁରସ୍କାରରୁ ଅଧିକ ଭାବେ ସ୍ୱର୍ଗୀୟ ପୁରସ୍କାର ସମୟ ପ୍ରତି ଦୃଷ୍ଟିପାତ କଲେ। (ଏବ୍ରୀ-୧୧:୨୬)। ପ୍ରେରିତ ପାଉଲ ଇହଲୋକ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ଅତୀବ ଶ୍ରେୟସ୍କର (ଫିଲିପ-୧:୨୩) ମଣିବା ସଦୃଶ୍ୟ ମୋଶା ଅନୁଭବ କରିଥିଲେ। ନିଶ୍ଚିତ ଭାବେ ସେ ଆରମ୍ଭ କରିଥିବା କାର୍ଯ୍ୟର ସମାପ୍ତି ଦେଖିବା ସଙ୍ଗେ ସଙ୍ଗେ, ଅନନ୍ତ ବିଶ୍ରାନ୍ତିରେ ପ୍ରବେଶ କରିବାକୁ ଶ୍ରେୟସ୍କର ମଣିଲେ।

"ମୋଶା ସଦାପ୍ରଭୁଙ୍କ ବାକ୍ୟାନୁସାରେ...ମଲେ।" ବୋଲି ୩୪ ପର୍ବ ୫

ପଦରେ ପଢିଥାଉଁ । ସନ୍ତାନମାନେ ଯେପରି ଆପଣା ପିତାଙ୍କ ଚୁମ୍ବନରେ ପିତାଙ୍କ କୋଳରେ ଶୟନ କରନ୍ତି, ମୋଶା ଆପଣା ସ୍ୱର୍ଗୀୟ ପିତାଙ୍କ କୋଳରେ ଆଖି ବୁଜିଲେ । ସଦାପ୍ରଭୁ ନିଜେ ତାହାଙ୍କ ଶରୀରକୁ ମନୁଷ୍ୟମାନଙ୍କ ଅଜଣାତ ସ୍ଥାନରେ ସମାଧି ଦେଲେ । ଯୋୟାବ ଦେଶର ବୈତ୍‌ପିୟାର ଉପତ୍ୟାକାରେ ସେ ସମାଧି ପ୍ରାପ୍ତ ହେଲେ ବୋଲି ଦ୍ୱି.ବି-୩୪:୫-୬ ପଦରେ ପଢ଼ିଥାଉ । ଅଶୀ ବର୍ଷ ବୟସରୁ ଏକଶତ ବିଂଶ ବର୍ଷ ଦୀର୍ଘ ଚାଳିଶି ବର୍ଷ ମୋଶା ଇଶ୍ରାଏଲୀୟମାନଙ୍କ ନେତୃତ୍ୱ ବହନ କରିଥିଲେ । 'ମରଣକାଳରେ ମୋଶାଙ୍କୁ ଏକଶହ କୋଡ଼ିଏ ବୟସ ହୋଇଥିଲା । ତାଙ୍କର ଚକ୍ଷୁ ଧିନ୍ଦଳା ହୋଇ ନଥିଲା । କିଅବା ତାଙ୍କର ସ୍ୱାଭାବିକ ମନ ହ୍ରାସ ପାଇ ନଥିଲା । ତାହାଙ୍କ ନିମନ୍ତେ ଇଶ୍ରାଏଲ ସନ୍ତାନମାନେ ତିରିଶ ଦିନ ରୋଦନ କଲେ । ତାହାଙ୍କ ପରେ ନେତୃତ୍ୱର ଭାର ଯିହୋଶୟଙ୍କ ସ୍କନ୍ଧରେ ପଡିଲା ।'

ଯଦିଓ ମୋଶା ଯର୍ଦ୍ଦନର ଶୁଷ୍କଭୂମିରେ ପାଦ ପକାଇବାକୁ ଅନୁମତି ପାଇନଥିଲେ, ତଥାପି ଆତ୍ମୀୟ ମାନେ ସେ ପ୍ରତିଜ୍ଞାତ ଦେଶରେ ପ୍ରକାଶ କରି ଅଛନ୍ତି । ଯୀଶୁ ପର୍ବତ ଉପରେ ରୂପାନ୍ତରିତ ହେବା ସମୟରେ, ତାହାଙ୍କ ଉପସ୍ଥିତି ବିଷୟରେ ନୂତନ ନିୟମରେ ପଢ଼ିଥାଉ ।

– ***Gary C. Hampton***

❋ ❋ ❋

# ଖ୍ରୀଷ୍ଟଙ୍କୁ କିପରି ସମାଦର କରୁ
## (How to Honor Christ)

"ପୁଣି, ପିତା ମଧ୍ୟ କାହାରି ବିଚାର କରନ୍ତି ନାହିଁ. ମାତ୍ର ସମସ୍ତେ ପିତାଙ୍କୁ ଯେପରି ସମାଦାର କରନ୍ତି । ସେହି ପ୍ରକାରେ ପୁତ୍ରଙ୍କୁ ମଧ୍ୟ ଯେପରି ସମାଦର କରିବେ, ସେଥିନିମନ୍ତେ ପୁତ୍ରଙ୍କୁ ସମସ୍ତ ବିଚାର କରିବାର ଅଧିକାର ଦେଇଅଛନ୍ତି । ଯେ ପୁତ୍ରଙ୍କୁ ସମାଦାର କରେ ନାହିଁ, ସେ ତାହାଙ୍କର ପ୍ରେରଣ କର୍ତ୍ତା ପିତାଙ୍କୁ ମଧ୍ୟ ସମାଦର କରେ ନାହିଁ ।" (ଯୋହନ ୫:୨୨,୨୩)

ଏହି ପଦ ଦୁଇଟି ବିଷୟ ସ୍ପଷ୍ଟ ହୁଏ, (୧) ପିତାଙ୍କୁ ସମାଦର କରିବା ସଦୃଶ୍ୟ, ପ୍ରତ୍ୟେକ ଯେଉଁ ବ୍ୟକ୍ତି ପୁତ୍ରଙ୍କୁ ସମାଦର କରିବା ଆବଶ୍ୟକତା । (୨) ପୁତ୍ରଙ୍କୁ ସମାଦର କରେ ନାହିଁ, ସେ ପିତାଙ୍କୁ ସମାଦର କରେ ନାହିଁ । ପୁତ୍ରଙ୍କୁ ସମାଦର କଲେ, ତାଙ୍କୁ

ସମାଦର କରୁ । ପିତାଙ୍କୁ କିପରି ଭାବେ ସମାଦର କରିବା ଆବଶ୍ୟକ ପ୍ରଥମେ ଶିକ୍ଷା କରୁ । ଯୀଶୁଖ୍ରୀଷ୍ଟଙ୍କୁ କିପରି ଭାବେ ସମାଦର କରିବା ଧର୍ମଶାସ୍ତ୍ର ବିଶ୍ଳେଷଣ କରି ବୁଝି ପାରିବା ।

ପ୍ରଭୁ ଯୀଶୁଙ୍କ ଖ୍ରୀଷ୍ଟ ବୋଲି ସ୍ୱୀକାର କରି ତାହାଙ୍କର ସମାଦର କରୁ । ଅନେକ ସାକ୍ଷୀ ଓ ପନ୍ତିୟ ପୀଲାତଙ୍କ ସମ୍ମୁଖରେ ତୀମଥି ଉତ୍ତମ ସାକ୍ଷ୍ୟ ଦେଇଥିଲେ ।(୧ମ ତୀମଥି-୬:୨୨,୨୩) । କାଇସରୀୟାର ଫିଲିଫ ଅଞ୍ଚଳରେ "...ଆପଣ ଖ୍ରୀଷ୍ଟ ଜୀବନ୍ତ ଈଶ୍ୱରଙ୍କ ପୁତ୍ର ବୋଲି ..." (ମାଥିଉ ୧୬:୧୬) ପ୍ରେରିତ ପିତର ଉତ୍ତର ସାକ୍ଷ୍ୟ ଦେଇଥିଲେ । ଥିଲେ । କୁଶ ଦେଶୀୟ ନଂପୁସକ "... ଯୀଶୁ ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଏହା ମୁଁ ବିଶ୍ୱାସ କରୁଛନ୍ତି ।"(ପ୍ରେରିତ ୮:୩୭) ବୋଲି ଉତ୍ତମ ସାକ୍ଷ୍ୟ ଦେଇଥିଲେ । ରୋମୀୟ ୧୦:୧୦ ପଦରେ କୁହାଯାଏ, "ଧାର୍ମିକତା ପ୍ରାପ୍ତ ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତ ନିମନ୍ତେ ମୁଖରେ ସ୍ୱୀକାର କରେ ।" ଏହି ଉତ୍ତମ ସ୍ୱୀକାରର ଅନେକ ପ୍ରାଧାନ୍ୟତା ଅଛି । 'ଯୀଶୁ' ତାହାଙ୍କ ନାମ ଓ 'ଖ୍ରୀଷ୍ଟ' (ଅଭିଷିକ୍ତ) ତାହାଙ୍କ ପଦବୀ, ଏବଂ ସେ ଈଶ୍ୱରଙ୍କ ପୁତ୍ର ଅଟନ୍ତି ।

ଆମ୍ଭେମାନେ ବାପ୍ତିସ୍ମ ଗ୍ରହଣ କରି, ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ସମାଦାର କରୁ । 'ଧର୍ମକର୍ମ ସାଧନ' କରିବା ନିମନ୍ତେ ଉଦାହରଣ ସ୍ୱରୂପ ଯୀଶୁଖ୍ରୀଷ୍ଟ ନିଜେ ବାପ୍ତିଜିକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇଥିଲେ । (୩:୧୪-୧୫) । ପୁଣି ଆଜ୍ଞା ଦେଲେ, "ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ..." (ମାଥିଉ-୨୮:୧୯) । "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ..." (ମାର୍କ ୧୬:୧୬) । ପ୍ରେରିତମାନଙ୍କ କାର୍ଯ୍ୟାବଳୀର ବର୍ଣ୍ଣିତ ପ୍ରତ୍ୟେକ ମନ ପରିବର୍ତ୍ତନର ଘଟଣାରେ ମନୁଷ୍ୟମାନେ ବାପ୍ତିଜିତ ହୋଇଥିଲେ । ଆମ୍ଭେମାନେ ବାପ୍ତିସ୍ମ ଗ୍ରହଣ କଲେ, ତାହାଙ୍କୁ ସମ୍ମାନିତ କରୁ, ତାହାଙ୍କୁ ଆଜ୍ଞା ଅମାନ୍ୟ କରିବା, ତାହାଙ୍କୁ ଅପମାନ କରିବା ସମାନ ।

ପ୍ରଭୁଭୋଜ ପାଳନ କରି, ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ସମାଦର କରୁ । ତାହାଙ୍କ ମୃତ୍ୟୁ ପୂର୍ବେ ଯୀଶୁଖ୍ରୀଷ୍ଟ ଏହି ପ୍ରଥା ପ୍ରେରିତମାନଙ୍କ ଦେଇଥିଲେ । "ପୁଣି, ସେ ରୋଟୀ ଘେନି ଧନ୍ୟବାଦ ଦେଲେ ଓ ତାହା ଭାଙ୍ଗି ସେମାନଙ୍କୁ ଦେଇ କହିଲେ, ତୁମ୍ଭେମାନଙ୍କ ନିମନ୍ତେ ଦତ୍ତ ହେଉଥିବା ମୋହର ଶରୀର ଏହି, ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ଭୋଜନ ଉତ୍ତାରେ ସେହିପରି ସେ ପାନପାତ୍ର ଘେନି କହିଲେ ।" ଏହି ପାନପାତ୍ର

ତୁମ୍ଭମାନଙ୍କ ନିମନ୍ତେ ପାତିତ ହେଉଥିବା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ...।" (ଲୂକ-୨୨:୧୯,୨୦)। ମଣ୍ଡଳୀ ସ୍ଥାପନ ପରେ, ଖ୍ରୀଷ୍ଟିୟାନମାନେ ରୋଟୀ ଭାଙ୍ଗିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ। (ପ୍ରେରିତ ୨:୪୨)। ତ୍ରୋୟାର ଖ୍ରୀଷ୍ଟିୟାନମାନେ ପ୍ରତି ସପ୍ତାହର ପ୍ରଥମ ଦିନରେ ରୋଟୀ ଭାଙ୍ଗୁଥିଲେ ବୋଲି ପ୍ରେରିତ ୨୦:୭ ପଦରେ ପଢ଼ିଥାଉଁ।

ଆମ୍ଭେମାନେ "ଖ୍ରୀଷ୍ଟିୟାନ" ନାମ ଧାରଣ କରି ଖ୍ରୀଷ୍ଟଙ୍କୁ ସମାଦର କରିଥାଉଁ। ପ୍ରେରିତ ୧୬:୧୧ରେ ଲେଖାଯାଏ, "...ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ।" ପ୍ରେରିତ ୨୬:୨୮ରେ ରାଜା ଆଗ୍ରିପ୍ପା ପାଉଲଙ୍କୁ କହିଲେ, "... ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭେଙ୍କୁ ଖ୍ରୀଷ୍ଟିୟାନ କରି ପାର ବୋଲି ମନେ କରୁଅଛି।" ୧ମ ପିତର ୪:୧୫,୧୬ରେ ଲେଖାଯାଏ, "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗକରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ।" ଖ୍ରୀଷ୍ଟିୟାନର ଅର୍ଥ ଖ୍ରୀଷ୍ଟଙ୍କର ତାହାଙ୍କ ନାମ ଧାରଣ କରିବା ଦ୍ୱାରା ତାହାଙ୍କୁ ସମାଦର କରୁ, ନ ଧାରଣା କଲେ ତାହାଙ୍କ ଅବମାନତା କରିଥାଉଁ।

***– Roy Beasley***

❋ ❋ ❋

# ପରିଧାନ ଓ ପରିତ୍ୟାଗ

## (Put on and put off)

ମନୁଷ୍ୟ, ଯୀଶୁଖ୍ରୀଷ୍ଟଙ୍କ ବାକ୍ୟରେ ବିଶ୍ୱାସ କର, ବାପ୍ତିସ୍ମ ଦ୍ୱାରା ତାହାଙ୍କ ବାକ୍ୟରେ ଆଜ୍ଞାବହ ହେବା ଦ୍ୱାରା ବାକ୍ୟାନୁଯାୟୀ ସେ ଏକ ନୂତନ ସୃଷ୍ଟି। "ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛନ୍ତି। ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ ନୂତନ ବିଷୟକୁ ହୋଇଅଛି। କିନ୍ତୁ ସମସ୍ତ ବିଷୟ ଈଶ୍ୱରଙ୍କ ଠାରୁ ହୋଇଅଛି, ସୋ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ସହିତ ସମ୍ମିଳିତ କରିଅଛନ୍ତି, ଓ ସେହି ସମ୍ମିଳନୀର ସେବକପଦ ଆମମ୍ଭମାନଙ୍କୁ ଦେଇଅଛନ୍ତି।" (୨ କରିନ୍ଥୀ ୫:୧୭-୧୮)।

ଜଣେ ଖ୍ରୀଷଷ୍ଟିୟାନ ଏହି ଜଗତରେ କିପରି ଜୀବନଯାପନ କରିବ ଜାଣିବା ଆବଶ୍ୟକ। ଆମ୍ଭେମାନେ ଜଗତର ଅନ୍ୟ ମନୁଷ୍ୟମାନଙ୍କ ସଦୃଶ୍ୟ ନୋହୁଁ। ଲେଖାଯାଏ, "ଅତଏବ ଅଜ୍ଞାନ ପରି ନହୋଇ ଜ୍ଞାନୀ ପରି ନିଜ ନିଜ ଆଚରଣ ସମ୍ବନ୍ଧରେ ବିଶେଷ

ସାବଧାନ ହୁଅ ।" (ଏଫିସୀ ୫:୧୫) । ଯୀଶୁ କହିଲେ, "ତୁମ୍ଭେମାନେ ପୃଥିବୀର ଲବଣ କିନ୍ତୁ ଲବଣ ଯଦି ସ୍ୱାଦବିହୀନ ହୁଏ, ତେବେ ତାହା କାହିଁରେ ଲବଣଯୁକ୍ତ ହେବ ?"ତାହା କୌଣସି କାର୍ଯ୍ୟଯୋଗ୍ୟ ନୁହେଁ, କେବଳ ବାହାରେ ପକାଯାଇ ଲୋକମାନଙ୍କ ପାଦ ତଳେ ଦଳିତ ହେବାର ଯୋଗ୍ୟ । ତୁମ୍ଭେମାନେ ଜଗତ ଜ୍ୟୋତି । ପର୍ବତ ଉପରେ ସ୍ଥାପିତ ନଗର ଗୁପ୍ତ ହୋଇ ରହି ନ ପାରେ, ...ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।" (ମାଥିଉ ୫:୧୩-୧୬) । ଖ୍ରୀଷ୍ଟିୟାନ ଏହି ଜଗତର ଲବଣ ଓ ଜ୍ୟୋତି ସ୍ୱରୂପ, ସେ ଆପଣା ଆଚରଣ ସମ୍ବନ୍ଧରେ ସାବଧାନ ରହିବା ଆବଶ୍ୟକ ।

ଆମ୍ଭେମାନେ ଜଗତରେ ଜୀବନଯାପନ କରୁଅଛୁ, କିନ୍ତୁ ଜାଗତିକ ନୋହୁଁ । (ଯୋହନ ୧୫:୧୯) । ଖ୍ରୀଷ୍ଟିୟାନର ହୃଦୟରେ ଜଗତ ପ୍ରତି ପ୍ରେମ ନଥାଏ । "ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନକରୁ । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । କାରଣ ଶାରିରୀକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇ ଥାଏ । ପୁଣି, ସଂସାର ଓ ସେଥିରେ ଅଭିଳାଷ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା କରେ, ସେ ନିତ୍ୟସ୍ଥାୟୀ ।" (୧ ଯୋହନ ୨:୧୫-୧୭) ।

ଆଜିର ସମାଜ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ । ଧାର୍ମିକତା ମୂଲ୍ୟହୀନ ହୋଇଅଛି । ଈଶ୍ୱର ପରାୟଣତା ମନୁଷ୍ୟ ଜୀବନରେ ପ୍ରଧାନତା ଦିଆଯାଏ ନାହିଁ । ପାପ ସହ୍ୟ କରାଯାଇଅଛି ଏବଂ ଜୀବନର ମୌଳିକ ଆବଶ୍ୟକତା ରୂପେ ଗ୍ରହଣ କରାଯାଉଅଛି । ବ୍ୟଭିଚାର, କାମୁକତା, ସମଲିଙ୍ଗ ସହବାସ ପ୍ରଭୃତି ଜଘନ୍ୟ କ୍ରିୟା ବିଷୟରେ ଲୋକେ ଭ୍ରୂକ୍ଷେପ କରୁନାହିଁ । ଅବିବାହିତ ସହବାସ ପାପରୂପେ ପରିଗଣିତ ହୁଏ ନାହିଁ । ଏଯୁଗର ଲୋକମାନଙ୍କ ନିମନ୍ତେ ମଦ୍ୟପାନ ଏକ ବିଳାସ । ସନ୍ତାନ ସନ୍ତତିମାନେ ପିତାମାତାଙ୍କ ସମାଦର କରନ୍ତି ନାହିଁ । ବୟୋବୃଦ୍ଧମାନେ ସମ୍ମାନିତ ହୁଅନ୍ତି ନାହିଁ ।

ଏପରି ଆଚାର ବ୍ୟବହାର ଓ ପାପମୟ ଜୀବନ ବାଇବଲର ନିୟମ ବିରୁଦ୍ଧ । ଦୁଇ ହଜାର ବର୍ଷ ପୂର୍ବେ, ପ୍ରେରିତ ପାଉଲ ଏପରି ଦିନ ଆସିବ ବୋଲି ଖ୍ରୀଷ୍ଟିୟାନମାନଙ୍କୁ ସତର୍କ କରିଥିଲେ । "କିନ୍ତୁ ଏହା ଜାଣିଥାଅ ଯେ, ଶେଷକାଳରେ ଭୀଷଣ ସମୟ ଉପସ୍ଥିତ ହେବ । କାରଣ ଲୋକମାନେ ଆତ୍ମପ୍ରିୟ, ଧନଲୋଭୀ, ଆତ୍ମଗର୍ବୀ, ଅହଙ୍କାରୀ, ନିନ୍ଦକ, ପିତାମାତାଙ୍କ ଅବାଧ, ଅକୃତଜ୍ଞ, ଅପବିତ୍ର, ସ୍ନେହଶୂନ୍ୟ, ଅମିଳନ ପ୍ରିୟ, ଅପବାଦକ,

ଅତିଜେନ୍ଦ୍ରିୟ, ପ୍ରଚଣ୍ଡ, ଉତ୍ତମ ବିଷୟର ଘୃଣାକାରୀ, ବିଶ୍ୱାସ ଘାତକ, ଦୁଃଖସାହସୀ, ଦାମ୍ଭିକ ହେବେ ଓ ଈଶ୍ୱରପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ । ସେମାନେ ଭକ୍ତିର ଭେଖ ଧରନ୍ତି । କିନ୍ତୁ ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି, ଏପରି ଲୋକମାନଙ୍କ ଠାରୁ ଅନ୍ତର ହୁଅ ।"(୨ ତୀମଥି ୩:୧-୫) ।

ଈଶ୍ୱରଙ୍କ ସନ୍ତାନ ଯେ ଆମ୍ଭେମାନେ, ଆମ୍ଭେମାନେ ପାର୍ଥିବ ବିଷୟ ଆସକ୍ତ ନ ହୋଇ ଊର୍ଦ୍ଧ୍ୱସ୍ଥ ବିଷୟ ଗୁଡିକର ଆସକ୍ତ ହେଉ । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ତାହାଙ୍କ ନାମରେ ବାପ୍ତିଜିତ ହେବା ପ୍ରତ୍ୟେକ, ପାପମୟ ଜୀବନ ପ୍ରତି ମୃତ ଅଟନ୍ତି । (କଲସୀ ୩:୨,୩ ଓ ରୋମୀୟ ୬ ପର୍ବ) । "ଅତଏବ, ତୁମ୍ଭମାନଙ୍କର ଶାରୀରିକ ଅଙ୍ଗପ୍ରତ୍ୟଙ୍ଗର କୁପ୍ରବୃତ୍ତି ଗୁଡାକ ଅର୍ଥାତ୍ ବ୍ୟଭିଚାର, ଅସ୍ପୃଶ୍ୟତା, କାମ, କୁଅଭିଳାଷ, ପୁଣି ପ୍ରତିମାପୂଜା ରୂପ ଲୋଭ, ଏହି ସବୁ ପ୍ରତି ମୃତ ହୁଅ । ଏହି ସବୁ ହେତୁରୁ ଈଶ୍ୱରଙ୍କ କ୍ରୋଧ ବର୍ତ୍ତେ । ପୂର୍ବେ ତୁମ୍ଭେମାନେ ମଧ୍ୟ ଏହି ସବୁ ବିଷୟରେ ଆସକ୍ତ ଥାଇ, ସେହି ପ୍ରକାରେ ଆଚରଣ କରୁଥିଲେ ।" (କଲସୀ ୩:୫,୬) ।

ପୁନଃର୍ବାର ସେ କହନ୍ତି, "କିନ୍ତୁ ଏବେ ତୁମ୍ଭେମାନେ ମଧ୍ୟ ଏହି ସବୁ ବିଷୟ ଅର୍ଥାତ୍ କ୍ରୋଧ, ରାଗ, ହିଂସା, ନିନ୍ଦା, ମୁଖରୁ କୁତ୍ସିତ ବାକ୍ୟ ଏହି ସବୁ ପରିତ୍ୟାଗ ଓ କର । ପରସ୍ପର ମିଥ୍ୟା କୁହ ନାହିଁ, ତୁମ୍ଭେମାନେ ତ ପୁରାତନ ସ୍ୱଭାବ ଓ ସେଥିର ସମସ୍ତ କର୍ମ ପରିତ୍ୟାଗ କରିଅଛ । ସେହି ନୂତନ ସ୍ୱଭାବ ଆପଣା ସୃଷ୍ଟିକର୍ତ୍ତାଙ୍କ ପ୍ରତିମୂର୍ତ୍ତି ଅନୁସାରେ ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ନିମନ୍ତେ ନୂତନୀକୃତ ହେଉଅଛି । ଏପରି ସ୍ଥଳେ ଗ୍ରୀକ୍ ଓ ଯିହୂଦୀ, ସୁନ୍ନତି ଓ ଅସୁନ୍ନି ବର୍ବର, ସ୍କୁଥୀୟ, ଦାସ, ସ୍ୱାଧୀନ ବ୍ୟକ୍ତି. ଏମାନଙ୍କ ମଧ୍ୟରେ କିଛିର ହିଁ ପ୍ରଭେଦ ନାହିଁ, କିନ୍ତୁ ଖ୍ରୀଷ୍ଟ ସବୁରେ ସବୁ ଅଟନ୍ତି, ପୁଣି ସମସ୍ତଙ୍କ ଠାରେ ବାସ କରନ୍ତି । ଅତଏବ, ଈଶ୍ୱରଙ୍କ ମନୋନୀତ ସାଧୁ ଓ ପ୍ରିୟ ଲୋକ ହୋଇ କୋମଳ ହୃଦୟ, ଦୟା, ନମ୍ରତା, ମୃଦୁତା ଓ ଦୀର୍ଘ ସହିଷ୍ଣୁତା ପରିଧାନ କର । ପରସ୍ପର ପ୍ରତି ସହନଶୀଳ ହୁଅ । ଆଉ ଯଦି କାହାରି କାହାରି ବିରୁଦ୍ଧରେ କୌଣସି କଥା ଥାଏ । ତେବେ ଏକକୁ ଆରେକ କ୍ଷମା କର, ପ୍ରଭୁ ଯେପରି ତୁମ୍ଭମାନଙ୍କୁ କ୍ଷମା କରିଅଛନ୍ତି । ତୁମ୍ଭେମାନେ ମଧ୍ୟ ସେହିପରି କର । ଆଉ ଏହି ସମସ୍ତ ଉପରେ ପ୍ରେମକୁ ପରିଧାନ କର, ଏହା ସିଦ୍ଧ ଅବସ୍ଥାର ବନ୍ଧନ ସ୍ୱରୂପ ।" (କଲସୀ ୩:୮-୧୪) ।

ପ୍ରିୟ ବନ୍ଧୁ ଆପଣଙ୍କ ପରିସ୍ଥିତି କଅଣ ? ଆପଣ କି ଆପଣା ପୁରାତନ ପାପମୟ ଜୀବନ ପରିତ୍ୟାଗ କରିଅଛନ୍ତି ? ଯଦି ନୁହେଁ, ତାହା ଆପଣ ଆଜି ହିଁ କରିପାରିବେ । ତାହାଙ୍କ ଠାରେ ନୂତନ ସୃଷ୍ଟି ହେବା ନିମନ୍ତେ ତାହାଙ୍କ ନିକଟକୁ ଆସ । ତାହାଙ୍କ ଠାରେ

ବିଶ୍ୱାସ କରି, ମନପରିବର୍ତ୍ତନ କର ଓ ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କର । (ମାର୍କ ୧୬:୧୬, ପ୍ରେରିତ ୨:୩୮, ଗାଲାତୀ ୩:୨୭) । ଏପରି ଭାବେ ତାହାଙ୍କୁ ପରିଧାନ କରି, ତାହାଙ୍କ ଠାରେ ନୂତନ ଜୀବନ ଆରମ୍ଭ କରି ପାରିବ । ଆନନ୍ଦମୟ ଜୀବନ ଯାପନ କରି ପାରିବ । ପାପମୃତ ହୋଇ ଖ୍ରୀଷ୍ଟଙ୍କ ଠାରେ ଜୀବନ ପ୍ରାପ୍ତ ହୋଇ, ସନ୍ତୋଷମୟ ଜୀବନ ଯାପନ କରୁ ।

*- Francis David*

❋❋❋

# ସର୍ବଶ୍ରେଷ୍ଠ ବିଷୟ ପରମେଶ୍ୱରଙ୍କୁ ଦେବା

**(ଆଦି ୨୨:୧-୧୯)**

ଆମ୍ଭମାନଙ୍କ ସର୍ବଶ୍ରେଷ୍ଠ ବିଷୟ ପରମେଶ୍ୱରଙ୍କୁ ଦେବାର ଅନେକେ ବିଫଳ ହେଉ । ସର୍ବଶ୍ରେଷ୍ଠ ବିଷୟ ଦେବାର ଅର୍ଥ, ପ୍ରଭୁ ଯୀଶୁଙ୍କୁ ଆମ୍ଭ ଜୀବନରେ ପ୍ରଥମ ସ୍ଥାନ ଦେବା । କିନ୍ତୁ ଅନେକ ଜୀବନରେ ଧାର୍ମିକତା, ନୀତି, ଈଶ୍ୱର ପରାୟଣତାକୁ ପ୍ରଥମ ସ୍ଥାନ ଦିଅନ୍ତି ନାହିଁ । ଆପଣାର ସର୍ବଶ୍ରେଷ୍ଠ ବିଷୟ ପରମେଶ୍ୱରଙ୍କୁ ଦେବାରେ, ଅବ୍ରାହାମଙ୍କ ଠାରୁ ଆଉ ଅଧିକ ମହୋତ୍ତର ବ୍ୟକ୍ତିଙ୍କ ଉଦାହରଣ ନାହିଁ । (ଆଦି ୨୨ ପଦ) । ଅବ୍ରାହାମ ଆପଣା ଜୀବନରେ ବିଶ୍ୱାସର ଅନେକ ପରୀକ୍ଷା ଦେଇଥିଲେ, ଏହା ସବୁଠାରୁ କଠିନ ପରୀକ୍ଷା ।

## ୧) ପରମେଶ୍ୱର ଅବ୍ରାହାମଙ୍କ ଠାରୁ ସର୍ବଶ୍ରେଷ୍ଠ ବିଷୟ ଲୋଡିଲେ :-

ସାରାଙ୍କ ଠାରୁ ଜାତ ତାହାଙ୍କ ଏକମାତ୍ର ପୁତ୍ର ଇସହାକ, ଯାହାଙ୍କ ଦ୍ୱାରା ସଦାପ୍ରଭୁଙ୍କ ପ୍ରତିଜ୍ଞାତ ପ୍ରତିଜ୍ଞା ସକଳ ସଂପୂର୍ଣ୍ଣ ହେବାର ଥିଲା । ତାହାଙ୍କୁ ବଳିଦେବା ନିମନ୍ତେ ସଦାପ୍ରଭୁ, ଅବ୍ରାହାମଙ୍କୁ ଆଜ୍ଞା ଦେଲେ । ଏହି ଆଜ୍ଞା ପାଳନ କରିବାରେ କେତୋଟି ଅସଂଗତ ବିଷୟ ଥିଲା ।

(୧) ବିଜାତିୟମାନଙ୍କ ମଧ୍ୟରେ ନରବଳି ପ୍ରଚଳିତ ଥିଲେ ସୁଦ୍ଧା, ପରମେଶ୍ୱର କେବେ ବି ନରବଳି ଆଜ୍ଞା କରି ନାହାନ୍ତି । (ଗୀତ ୧୦୬:୩୭-୩୮) । (୨) "ଏହା ମାନବିକ ସ୍ୱଭାବର ବିରୁଦ୍ଧ । ଆପଣା ସୁପୁତ୍ରଙ୍କର ରକ୍ତପାତ କରିବା ପିତାଙ୍କ ପାଇ କଷ୍ଟକର ବିଷୟ । (୩) ଯେ କେହି ମନୁଷ୍ୟର ରକ୍ତପାତ କରିବ, ମନୁଷ୍ୟ ଦ୍ୱାରା ତାହାର ରକ୍ତପାତ କରାଯିବ । ଯେହେତୁ ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ନିର୍ମାଣ କରି ଅଛନ୍ତି ।" (ଆଦି ୯:୬) । ସଦାପ୍ରଭୁଙ୍କ ନୋହଙ୍କ ପ୍ରତି ଦେଇଥିବା ଏହି ଆଜ୍ଞା ବିରୁଦ୍ଧରେ ଅବ୍ରାହାମଙ୍କ ପ୍ରତି

ଦତ୍ତ ଆଜ୍ଞା ଥିଲା । "ସଦାପ୍ରଭୁ ଆପଣା ନିୟମ ଆଗେ ଲଙ୍ଘନ କରୁଅଛନ୍ତି । ବୋଲି ଅବ୍ରାହାମ ମନେ କରିଥିବେ ।"

(୪) ସଦାପ୍ରଭୁ, ଅବ୍ରାହାମଙ୍କୁ ହଗାରଙ୍କ ଜାତ ଇଶ୍ମାୟେଲଙ୍କୁ ବଳି ଦେବା ନିମନ୍ତେ ଆଜ୍ଞା ନ ଦେଇ, ଅବ୍ରାହାମଙ୍କ ପ୍ରିୟପୁତ୍ର ଇସ୍‌ହାକ୍‌ଙ୍କୁ ବଳିରୂପେ ଦେବା ନିମନ୍ତେ ଆଜ୍ଞା ଦେଇଥିଲେ । ପିତୃ ବାତ୍ସଲ୍ୟ ଦୃଷ୍ଟିରେ ଦେଖିଲେ । ଏହା ମହା କଠିନ ଆଜ୍ଞା ।

କିନ୍ତୁ ଅବ୍ରାହାମ ଏହି ସବୁ ବିଷୟ ଭ୍ରୂକ୍ଷେପ ନକରି, ଆପଣାର ସର୍ବଶ୍ରେଷ୍ଠ ବିଷୟ ପରମେଶ୍ୱରଙ୍କ ବଳି ଦେବାରେ ପଛେଇ ନଥିଲେ । ତାହାଙ୍କ ଗୃହରେ ଅଶାନ୍ତି ସୃଷ୍ଟି ହେଇଥାଇ ପାରେ । ସାରାଙ୍କ ହୃଦୟର ବେଦନା ବିଷୟରେ ଭାବି ଦେଖ । ଅବ୍ରାହାମଙ୍କ ବଂଶ ଆକାଶର ନକ୍ଷତ୍ର ଓ ସମୁଦ୍ରର ବାଲି ସଦୃଶ୍ୟ ଅଭିବୃଦ୍ଧି ହେବାର ପ୍ରତିଜ୍ଞା, ଇସ୍‌ହାକଙ୍କ ଦ୍ୱାରା ସଫଳ ହେବାର ଥିଲା । କିନ୍ତୁ ଅବ୍ରାହାମ, ପରମେଶ୍ୱରଙ୍କ ଆଜ୍ଞାପାଳନରେ କୌଣସି ମତେ ଦ୍ୱିଧା କରି ନଥିଲେ । ତତ୍ପର ଦିନ ପ୍ରଭାତରେ ଉଠି ଗଧ ସଜାଇ ଇସ୍‌ହାସଙ୍କୁ ସଙ୍ଗରେ ନେଇ ସଦାପ୍ରଭୁଙ୍କ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାତ୍ରା କଲେ । ଅବ୍ରାହାମ ଆପଣା ଠାରେ ଥିବା ସର୍ବଶ୍ରେଷ୍ଠ ବିଷୟ ସଦାପ୍ରଭୁଙ୍କୁ ଦାନ କରିବାରେ ପଛେଇ ନଥିବାରୁ ସଦାପ୍ରଭୁ ତାହାଙ୍କୁ ଶ୍ରେଷ୍ଠତମ ପ୍ରତିଜ୍ଞାମାନ ଦେଇଥିଲେ । "ତୁମ୍ଭର କର୍ମ ସକାଶୁ ଆମ୍ଭେ ଆପଣା ନାମରେ ଶପଥ କରି କହୁଅଛୁ, ଆମ୍ଭେ ତୁମ୍ଭଙ୍କୁ ଅବଶ୍ୟ ଆଶୀର୍ବାଦ କରି ଆକାଶର ତାରାଗଣ ଓ ସମୁଦ୍ରର ବାଲି ପରି ତୁମ୍ଭର ବଂଶ ଅତିଶୟ ବୃଦ୍ଧି କରିବା, ତୁମ୍ଭର ବଂଶ ଶତ୍ରୁଗଣର ନଗର ଅଧିକାର କରିବେ । ପୁଣି ପୃଥିବୀର ସମସ୍ତ ଜାତି ତୁମ୍ଭର ବଂଶ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ, ଯେହେତୁ ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରିଅଛି । ପୁଣି ପୃଥିବୀସ୍ଥ ସମସ୍ତ ଜାତି ତୁମ୍ଭର ବଂଶ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ । ଯେହେତୁ ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରିଅଛ ।" (୨୨:୧୭-୧୮) । ଅବ୍ରାହାମ ବଂଶ ଆକାଶର ନକ୍ଷତ୍ର ସଦୃଶ୍ୟ ପାଇଅଛି, ଓ ତାହାଙ୍କ ବଂଶଜାତ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସର୍ବଜଗତକୁ ପରିତ୍ରାଣ ଦତ୍ତ ହୋଇଅଛି ।

## ୨) ସଦାପ୍ରଭୁ ଆମ୍ଭମାନଙ୍କ ଠାରୁ, ଆମ୍ଭମାନଙ୍କ ସର୍ବଶ୍ରେଷ୍ଠ ବିଷୟ ଚାହାନ୍ତି :-

ଆମ୍ଭେମାନେ ପ୍ରେମ କରୁଥିବା ସର୍ବଶ୍ରେଷ୍ଠ ବିଷୟ, ସେ ଆମ୍ଭମାନଙ୍କ ଠାରୁ ଚାହାନ୍ତି । (୨୨:୩୫-୪୦) । ସଦାପ୍ରଭୁଙ୍କ ଠାରୁ ଅଧିକଭାବେ କୌଣସି ବିଷୟକୁ ଆମେ ପ୍ରେମ ନକରୁ । ସେ ଆମ୍ଭମାନଙ୍କ ଠାରୁ ସର୍ବଶ୍ରେଷ୍ଠ ଉପହାର ଲୋଡନ୍ତି । (ଲେବୀ ୨୨:୨୨, ୨୭:୩୦-୩୩) । ଯାହା ଆମ୍ଭମାନଙ୍କ ନିମନ୍ତେ ଅଦରକାରୀ ଏପରି ବିଷୟ

ସେ ଗ୍ରହଣ କରିବେ ନାହିଁ । ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କରିବା ଆମ୍ଭମାନଙ୍କ ଜୀବନର ଧେୟ ହେଉ । (ମାଥିଉ ୬:୩୩, ୧୦:୩୭-୩୮, ୬:୨୭) । "...କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଙ୍କୁ ଅସ୍ୱୀକାର କରୁ, ପୁଣି ପ୍ରତିଦିନ ଆପଣାକ୍ରୁଶ ଘେନି ମୋହର ଅନୁଗମନ କରୁ ।"(ଲୂକ ୯;୨୩-୨୬, ୫୭-୬୨) । ଆମ୍ଭମାନଙ୍କ ଜୀବନର ପ୍ରତ୍ୟେକ ଗତିରେ ସଦାପ୍ରଭୁଙ୍କୁ ମୁଖ୍ୟ ସ୍ଥାନ ଦେଉ । ସାରାଂଶ—ଆମ୍ଭେମାନେ ଆମ୍ଭମାନଙ୍କ ଶ୍ରେଷ୍ଠତମ ବିଷୟ ସଦାପ୍ରଭୁଙ୍କ ଠାରେ ଅର୍ପଣ କଲେ, ସେ ଆମ୍ଭମାନଙ୍କୁ ଶ୍ରେଷ୍ଠତମ ବିଷୟ ଅନୁଗ୍ରହ କରିବେ । (ଯୋହନ ୩:୧୬) । ଅନେକ ଖ୍ରୀଷ୍ଟିୟାନମାନେ ଶ୍ରେଷ୍ଠତମ ବିଷୟ ପ୍ରାପ୍ତ ହୁଅନ୍ତି ନାହିଁ । କାରଣ ସେମାନେ ଆପଣାର ଶ୍ରେଷ୍ଠତମ ବିଷୟ ସଦାପ୍ରଭୁଙ୍କୁ ଦିଅନ୍ତି ନାହିଁ । ସଦାପ୍ରଭୁଙ୍କ ବଳିପୀଠ ଉପରେ ଆମ୍ଭମାନଙ୍କ ଜୀବନର ଶ୍ରେଷ୍ଠତମ ବିଷୟ ଅର୍ପଣ କରୁ, ସେ ଆମ୍ଭମାନଙ୍କ ଜୀବନର ଆବଶ୍ୟକ ଶ୍ରେଷ୍ଠତମ ବିଷୟ—ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପାପମୋଚନ, ତାହାଙ୍କ ସନ୍ତାନ ହେବାର ଅଧିକାର, ସମସ୍ତ ପ୍ରକାର ଆତ୍ମିକ ଆଶୀର୍ବାଦ, ଅନନ୍ତ ଜୀବନର ପ୍ରାପ୍ତ ହେବାର ସୌଭାଗ୍ୟ—ସେ ଆମ୍ଭମାନଙ୍କୁ ପ୍ରଦାନ କରିବେ । ଅବ୍ରାହାମଙ୍କ ସଦୃଶ୍ୟ ଆମ୍ଭମାନଙ୍କ ବଳି, ତାହାଙ୍କ ଦୃଷ୍ଟିରେ ସୁମଧୁର ଓ ସନ୍ତୋଷଜନକ ହେଉ । ଆମ୍ଭେମାନେ ଆପଣା ଆପଣାକୁ ସଦାପ୍ରଭୁଙ୍କ ଇଚ୍ଛାକୁ ସମର୍ପଣ ନକଲେ, ଆମ୍ଭେମାନେ ଆମ୍ଭମାନଙ୍କ ଶ୍ରେଷ୍ଠତମ ବିଷୟ ତାହାଙ୍କୁ ଅର୍ପଣ କରି ନପାରୁ । (୨ କରନ୍ଥୀ ୮:୫, ରୋମୀୟ ୫:୧) । ଆପଣ କି ଆପଣଙ୍କ ଶ୍ରେଷ୍ଠତମ ବିଷୟ ସଦାପ୍ରଭୁଙ୍କୁ ଦେଇଅଛନ୍ତି ?

***– W. Douglas Harris.***


ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**"ସତ୍ୟବାଣୀ"**

ରେଡ଼ିଓ କାର୍ଯ୍ୟକ୍ରମ **Radio Sri Lanka** ଦ୍ୱାରା ଶୁଣନ୍ତୁ

**ଦିନ : ପ୍ରତି ରବିବାର    ସମୟ : ସକାଳ ଘ ୬.୪୫ ମି**

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*


**Edited & Published by : Kabita & Joshua Gootam**

# A PECULIAR PEOPLE

Tit. 2:14; Per. 2:9

**INTRODUCTION :**

1. The Lord's people are not a peculiar people in that they wear a certain type of uniform, etc.
2. Neither are the Lord's people a peculiar people because of their practice such as the Mormons marrying more than once, etc.
3. But the Lord's people are a peculiar people because they are different from the people of the world.

a) They believe in God and his will.
b) They believe in abiding by the same

4. The Lord's People are a holy people - those who have been set apart to live the Christian life

**DISCUSSION :**

A. The Lord's People are Members of a Peculiar Church. (Matt 16:18).

1. Christ is recognized as founder of the church.
2. The Lord is also accepted as being the saviour of the church as well as head of the church.
3. Its members uphold the Lord's church as being the one church of the Bible.

**B. The Lord's People Participate in A Peculiar Worship (John 4:24).**

1. The Lord's Supper is observed each first day of the week.
2. Instruments of music are never used
3. Each member gives as he has prospered.

C. The Lord's People Are Peculiar In Name (Acts 11:26).

1. Man-made names and titles are rejected entirely
2. Each member wears the name Christian and

the name Christian only.

**D. The Lord's People Are Peculiar in Practice. (Col 3:17).**

1. Worldliness is rejected altogether.
2. A. Christ-like spirit is exemplified.
3. They are Godly in every phase of life

**E. The Lord's People Are Peculiar In Their Preaching. (2 Tim. 4:2).**

1. They preach the Bible plan of salvation
2. They preach the one faith of the Bible
3 They preach one way of heaven

CONCLUSION :

1. The points listed make the Lord's people a peculiar people.
2. Even the world itself recognizes the Lord's people as such.
3. Unless the members of the church are peculiar or different then there's something worng.
4. It is the Lord's Will that we be a peculiar people.

***Printed Book Only***

From:

**SATYA VANI**
**P.O. Box 80,**
**Kakinada - 533 001**

To

(FOR PRIVATE CRICULATION ONLY)